## ହୋଲିରେ ଅଘଟଣ: ପୋଖରୀକୁ ଓଲଟିଲା ଟ୍ରାକ୍ଟର, ଚାଳକ ମୃତ

ବାଲେଶ୍ୱର/ବାହାନଗା, ୫।୩ (ସମିସ): ଗତ ବୁଧବାର ହୋଲି ପର୍ବ ଥିଲା। ହୋଲିକୁ ନେଇ ସମସ୍ତେ ଖୁସି ଥିବା ବେଳେ ବାଲେଶ୍ୱର ଜିଲ୍ଲା ଗୋପାଳପୁର ପଞ୍ଚାୟତ ଫତେପୁର ଗ୍ରାମରେ ଏକ ଦୁଃଖଦଃ ଚିତ୍ର ସାମ୍ନାକୁ ଆସିଛି। ଫତେପୁର ଗ୍ରାମରୁ ଆପିଡିରା ଗ୍ରାମକୁ ଯାଉଥିବା ବେଳେ ଏକ ଟ୍ରାକ୍ଟର ଭାରସାମ୍ୟ ହରାଇ ଏକ ପୋଖରୀକୁ ଓଲଟି ପଡ଼ିବା କାରଣରୁ ଟ୍ରାକ୍ଟର ଡ୍ରାଇଭରଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଖବର ଅନୁସାରେ ଗୋପାଳପୁର ଥାନା ଫତେପୁର ଗ୍ରାମର ଅନ୍ତର୍ଯ୍ୟାମୀ ପାତ୍ରଙ୍କ ପୁଅ ରାଧାକୃଷ୍ଣ (୨୪) ନିକଟସ୍ଥ ଆପିଡିରା ଗ୍ରାମକୁ ଚାଷୀଙ୍କ ନିକଟରୁ ଧାନ ଆଣିବା ପାଇଁ ଟ୍ରାକ୍ଟର ଚଳାଇ ଯାଉଥିଲେ।



ରାସ୍ତାର ନୂଆ ଗଳିଆ ଆଡି ରାସ୍ତାରେ ଟ୍ରାକ୍ଟରକୁ ପଛାଉ ଥିବାବେଳେ ପୋଖରୀ ତଳକୁ ଖସି ଯାଇଥିଲା। ଟ୍ରାକ୍ଟରରେ ବସିଥିବା ଅନ୍ୟ ୩ ଜଣ ଡେଇଁ ପଡ଼ିଥିବାବେଳେ ଟ୍ରାକ୍ଟର ଚଳାଉଥିବା ରାଧାକୃଷ୍ଣ ଟ୍ରାକ୍ଟର ତଳେ ପାଣି ଓ ପଙ୍କରେ ଚାପି ହୋଇ ରହିଯାଇଥିଲେ। ଗ୍ରାମବାସୀମାନେ ଟ୍ରାକ୍ଟର ତଳୁ ରାଧାକୃଷ୍ଣଙ୍କୁ ଉଦ୍ଧାର କରି ବାଲେଶ୍ୱର ମେଡିକାଲକୁ ନେଇଥିଲେ ସୁଦ୍ଧା ଡାକ୍ତର ମୃତ ଘୋଷଣା କରିଥିଲେ। ଖବର ପାଇ ଷଠୀ ଅଗ୍ନିଶମ ବାହିନୀ ଓ ଗୋପାଳପୁର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରାକ୍ଟରକୁ ଜବତ କରି ଥାନାକୁ ଆଣିଥିଲେ। ଏନେଇ ଗୋପାଳପୁର ଥାନା ପୁଲିସ ମୃତଦେହ ଜବତ କରି ଥାନାକୁ ଆଣିବା ସହ ଥାନାରେ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି।

# ପୂର୍ବ ଶତ୍ରୁତାରୁ ଯୁବକଙ୍କୁ ନିର୍ମମ ହତ୍ୟା

### ଅଭିଯୁକ୍ତଙ୍କୁ ଗିରଫ ସହ କ୍ଷତିପୂରଣ ଦାବିରେ ମୃତଦେହ ରଖି ରାସ୍ତା ଅବରୋଧ

ବାଲେଶ୍ୱର, ୫।୩ (ସମିସ): ବାଲେଶ୍ୱରରେ ହୋଲି ଖେଳରୁ ରକ୍ତପାତ। ବଚସାରୁ ଗଣ୍ଡଗୋଳ ପରେ ଯୁବକଙ୍କୁ ହତ୍ୟା। ବାଲେଶ୍ୱରରେ ଖଣ୍ଡା, ଭୁଜାଲି ଏବଂ ଚେନ ସ୍ନୋକେଟ ରେ ଆକ୍ରମଣ କରି ରକ୍ତର ହୋଲି ଖେଳ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ବଚସା ପରେ ୩ ଜଣ ଯୁବକଙ୍କ ଆକ୍ରମଣରେ ଜଣେ ଯୁବକଙ୍କ ଜୀବନ ଯାଇଥିବାର ଅଭିଯୋଗ ଆଣି ବିଭିନ୍ନ ଦାବିରେ ମୃତଦେହ ରଖି ବାଲେଶ୍ୱର ବଙ୍କାଖେଜୁରୀ ଛକରେ ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି ଶହ ଶହ ଲୋକେ।



ବୁଧବାର ହୋଲି ପର୍ବ ଥିବା ବେଳେ ସମସ୍ତେ ରାଗ ରୁଷା ଭୁଲି ହୋଲି ଖେଳିଥିଲେ। ହେଲେ ବାଲେଶ୍ୱରରେ ପୂର୍ବ ଶତ୍ରୁତା ଏବଂ ବଚସା ପରେ ରଙ୍ଗର ହୋଲି ବଦଳରେ ରକ୍ତର ହୋଲି ଖେଳ ସହ ୩ ଜଣ ଯୁବକଙ୍କ ଆକ୍ରମଣରେ ଜଣେ ଯୁବକଙ୍କ ଜୀବନ ଯାଇଥିବାର ବାଲେଶ୍ୱର ଟାଉନ ଥାନାରେ ଅଭିଯୋଗ ହୋଇଥିବା ଜଣାପଡ଼ିଛି। ହୋଲି ପର୍ବରେ ସମସ୍ତଙ୍କ ପରି ଟାଉନ ଥାନା ଅଧୀନ ବାରବାଟି ଅଞ୍ଚଳର ରବି ସିଂ ଙ୍କ ପୁଅ ସୁରଜ ସିଂ (୩୪) ହୋଲି ଖେଳୁଥିଲେ। ଆକତପୁର ଦୁର୍ଗା ମଣ୍ଡପ ନିକଟରେ ସେ ସାଙ୍ଗ ମାନଙ୍କ ସହ ହୋଲି ଖେଳି ଫେରୁଥିବା ବେଳେ ବଙ୍କା ଖେଜୁରୀ ଅଞ୍ଚଳର ବିଜୟ ଦାସଙ୍କ ପୁଅ କ୍ଷିତୀଶ ଦାସଙ୍କ ସହ ବଚସା ହୋଇଥିଲା। ପରେ ବଚସା ଉଗ୍ରରୂପ ଧାରଣ କରିଥିଲା। ପରେ ସୁରଜଙ୍କୁ ଖଣ୍ଡା, ଭୁଜାଲି ଏବଂ ଚେନ ସ୍ନୋକେଟ ସାହାଯ୍ୟରେ ଆକ୍ରମଣ କରାଯାଇଥିଲା। ପରେ ରକ୍ତାକ୍ତ ଅବସ୍ଥାରେ ସ୍ଥାନୀୟ ଲୋକେ ବାଲେଶ୍ୱର ମେଡିକାଲରେ ଭର୍ତ୍ତି କରିଥିଲେ। ପରେ ସୁରଜ ସିଂଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ମେଡିକାଲକୁ ନିଆଯାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ମୃତକ ସୁରଜ ସିଂ ଙ୍କ ସ୍ତ୍ରୀ ପୁଷ୍ପାଞ୍ଜଳି ବେହେରା ତାଙ୍କ ସ୍ୱାମୀଙ୍କୁ କ୍ଷିତୀଶ ଦାସ, ଦେବାଶିଷ ଦାସ, ଆଶିଷ ଦାସ ସଂଘବଦ୍ଧ ଆକ୍ରମଣ କରି ମାରି ଦେଇଥିବାର ଲିଖିତ ଅଭିଯୋଗ ଆଣିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ମୁଖ୍ୟ ଅଭିଯୁକ୍ତ କ୍ଷିତୀଶ ଦାସଙ୍କୁ ଗିରଫ କରିଥିବା ସୂଚନା ମିଳିଛି। ସେପଟେ ଆଜି ସୁରଜଙ୍କ ମୃତଦେହ ବ୍ୟବଚ୍ଛେଦ ହୋଇ ଆସିବା ପରେ ସୁରଜଙ୍କ ମୃତଦେହ ବଙ୍କାଖେଜୁରୀ ଛକ ରାସ୍ତାରେ ରଖି ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ, ଅଭିଯୁକ୍ତ ଯୁବକଙ୍କ ମାଆ କରିଥିବା ଅଙ୍ଗନବାଡ଼ି ଚାକିରୀକୁ ମୃତକଙ୍କ ସ୍ତ୍ରୀଙ୍କୁ ପ୍ରଦାନ ସହ କ୍ଷତିପୂରଣ ଦାବି କରି ବଙ୍କା ଖେଜୁରୀ ଛକରେ ଟାୟାର ଜାଳି ଶତାଧିକ ଲୋକେ ରାସ୍ତା ଅବରୋଧ କରିଥିଲେ। ଘଟଣା ସ୍ଥଳରେ ଉତ୍ତେଜନା ଲାଗି ରହିଥିବା ବେଳେ ବାଲେଶ୍ୱର ଟାଉନ ଥାନା ପୁଲିସ ସହ ଜିଲ୍ଲା ପୁଲିସ ପହଁଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳିପାରିନଥିବା ବେଳେ ଖବର ଲେଖା ହେବା ବେଳକୁ ଉତ୍ତେଜନା ଲାଗି ରହିଥିବା ଜଣାଡ଼ିଛି। ସେପଟେ ମୃତ ସୁରଜ ଙ୍କର ଗୋଟିଏ ୪ ମାସର ଶିଶୁ ପୁତ୍ର ସହ ଜଣେ ୫ ବର୍ଷର ଶିଶୁପୁତ୍ର ଥିବା ଜଣାପଡ଼ିଛି। ହୋଲିରେ ୨ ନିଷ୍ପାପ ଶିଶୁ ବାପାଙ୍କୁ ହରାଇବା ଘଟଣା ସମସ୍ତଙ୍କ ମନରେ ଦୁଃଖ ଭରି ଦେଇଛି।

## ଦୁର୍ଘଟଣାରେ ଜଣେ ମୃତ

ବାଲେଶ୍ୱର, ୫।୩(ସମିସ): ପବିତ୍ର ହୋଲିରେ ରେମୁଣା ଠାରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ଜଣେ ଯୁବକ ରେମୁଣା ବଜାରରୁ ମନ୍ଦିର ଛକ ଆଡକୁ ଆସୁଥିବା ବେଳେ ଏକ ଅଟୋ ଧକ୍କା ଦେଇଥିଲା। ସେଠାରେ ସେ ଗୁରୁତର ହୋଇପଡ଼ିବାରୁ ତାଙ୍କୁ ଫକୀରମୋହନ ମେଡିକାଲ କଲେଜକୁ ନିଆଯାଇଥିଲା। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ମୃତକ ଜଣଙ୍କ ହେଲେ ରେମୁଣା ଥାନା ଅର୍ନ୍ତଗତ ମାଧିପୁର ଗ୍ରାମର ବାବୁରାମ ତରେଇଙ୍କ ପୁଅ ରାଜୀବ କୁମାର ତରେଇ। ଏ ନେଇ ପୁଲିସ ୫୭/୨୬ନମ୍ବରରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ସିଟି ଛାତ୍ରଙ୍କ ଆତ୍ମହତ୍ୟା

ବାଲେଶ୍ୱର, ୫।୩(ସମିସ): ରେମୁଣା ଥାନା ଅର୍ନ୍ତଗତ କ୍ଷୀରଚୋରା ମନ୍ଦିର ନିକଟରେ ଥିବା ସିଟି ସ୍କୁଲରେ ପଢୁଥିବା ଜଣେ ପ୍ରଥମ ବର୍ଷର ଛାତ୍ର ବେକରେ ବେଡସିଟ ଲଗାଇ ଆତ୍ମହତ୍ୟା କରିଛନ୍ତି। ଆତ୍ମହତ୍ୟା କରିବା ପଛରେ ସ୍ପଷ୍ଟ କାରଣ ଜଣା ପଡ଼ିନଥିବା ବେଳେ ଘଟଣା ସ୍ଥଳରେ ରେମୁଣା ପୁଲିସ ପହଁଚି ତଦନ୍ତ ଆରମ୍ଭ କରିଛି। ମୃତ ଛାତ୍ର ଜଣକ ହେଉଛନ୍ତି ଚାନ୍ଦିପୁର ଥାନା ଅର୍ନ୍ତଗତ ବଡକିଆ ଅଞ୍ଚଳର ହରିଶଙ୍କର ଦାସ(୨୪)। ଚାନ୍ଦିପୁର ଥାନା ଅର୍ନ୍ତଗତ ବଡକିଆ ଅଞ୍ଚଳର ଅରୁଣ କୁମାର ଦାସଙ୍କ ପୁଅ ରେମୁଣା ଠାରେ ଥିବା ସିଟି ସ୍କୁଲରେ ପଢ଼ନ୍ତି। ସେ ପ୍ରଥମ ବର୍ଷରେ ପଢୁଥିବା ବେଳେ ନିକଟରେ ଥିବା ବିଟୁ ମେସରେ ରହୁଥିଲେ। ଗତକାଲି ରାତି ୮ଟା୪୦ମିନିଟ ସମୟରେ ପରିବାର ଲୋକଙ୍କ ସହ ଫୋନରେ କଥା ହୋଇଥିଲେ। ପରେ ଆଉ ତାଙ୍କ ଫୋନ ଲାଗିନଥିଲା। ତେବେ ହରିଶଙ୍କର ଉକ୍ତ ଦିନ ରାତିରେ ତାଙ୍କ ରୁମରେ ବେକରେ ବେଡସିଟ ଲଗାଇ ଫେନରେ ଝୁଲିପଡ଼ିଥିଲେ। ଆଜି ସକାଳେ ତାଙ୍କ କବାଟ ଖୋଲା ନହେବାରୁ ସନ୍ଦେହରେ ପୁଲିସକୁ ଖବର ଦିଆଯାଇଥିଲା। ଘଟଣା ସ୍ଥଳରେ ରେମୁଣା ପୁଲିସ ଏବଂ ସାଇଣ୍ଟିଫିକ ଟିମ ଆସି ତଦନ୍ତ କରିଥିଲେ। ଏପରିକି ମୃତ ହରିଶଙ୍କରଙ୍କ ପରିବାର ଲୋକଙ୍କ ସମ୍ମୁଖରେ ମୃତ ଦେହକୁ କଢ଼ାଯିବା ସହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଅନ୍ୟପଟେ ଏହି ଘଟଣାରେ ମୃତକଙ୍କ ବଡ ଭାଇ ଭବାନୀ ଶଙ୍କରଙ୍କ କହିବା ଅନୁସାରେ, କିଛି ଦିନ ହେବ ସେ ମାନସିକ ଚାପରେ ରହୁଥିଲେ। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୁଲିସ ଅଧିକ ତଦନ୍ତ ଜାରି ରଖିଛି।

## 'ଯୁଦ୍ଧ ନୁହେଁ ଶାନ୍ତି ଚାହୁଁ' ଶୀର୍ଷକ ପଥପ୍ରାନ୍ତ ସଭା

ବାଲେଶ୍ୱର, ୫।୩(ସମିସ): 'ଯୁଦ୍ଧ ନୁହେଁ ଶାନ୍ତି ଚାହୁଁ, ମୃତ୍ୟୁ ନୁହେଁ ଜୀବନ ଚାହୁଁ'ଶୀର୍ଷକରେ ସ୍ଥାନୀୟ ବିଚାରଗଞ୍ଜ ଛକ ପାଖରେ ଏକ ପଥପ୍ରାନ୍ତ ସଭା ହୋଇଯାଇଛି। ଇରାନ ଉପରେ ଆମେରିକା ଓ ଇସ୍ରାଏଲର ସାମରିକ ଆକ୍ରମଣକୁ ସଭାରେ ଦୃଢ଼ ନିନ୍ଦା କରି ବାମପନ୍ଥୀ ଓ ଗାନ୍ଧି ଶାନ୍ତି ପ୍ରତିଷ୍ଠାନର ନେତୃମଣ୍ଡଳୀ ବକ୍ତବ୍ୟ ଦେଇଥିଲେ। ସିପିଆଇର ଜିଲ୍ଲା ସମ୍ପାଦକ ଭାଗବତ ପ୍ରତିହାରୀ, ସିପିଆଇ(ଏମ)ର ଜିଲ୍ଲା ସମ୍ପାଦକ ଶିଶିର ହୁଇ ଗାନ୍ଧି ଶାନ୍ତି ପ୍ରତିଷ୍ଠାନର ଅନ୍ୟତମ ଆବାହକ ଆଇନଜୀବୀ ମହମ୍ମଦ ଇସଲାମଙ୍କ ସମେତ ନିର୍ମଳ ନାୟକ, ଶ୍ୟାମସୁନ୍ଦର ଜେନା, ପ୍ରେମ ରଞ୍ଜନ ପାତ୍ର, ଯତିନ ପାତ୍ର ପ୍ରମୁଖ ଏହି ଯୁଦ୍ଧ ଫଳରେ ଭାରତ ବର୍ଷ କିପରି ପ୍ରଭାବିତ ହେବ ଓ ପେଟ୍ରୋଲିୟମଯାତ ସାମଗ୍ରୀ ଓ ନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥର ଦରବୃଦ୍ଧି ଘଟିବ ବୋଲି ସେମାନେ କହିଥିଲେ। ଯୁକ୍ତରାଷ୍ଟ୍ର ଆମେରିକା ଏବଂ ଇସ୍ରାଏଲ ଇରାନ ଉପରେ କରାଯାଇଥିବା ଯୋଜନାବଦ୍ଧ ଏକତରଫା ଆକ୍ରମଣ ଘଟଣା ଅନ୍ତର୍ଜାତୀୟ ଆଇନ ଓ ଜାତିସଂଘ ସମ୍ବିଧାନର ମୌଳିକ ନୀତିକୁ ଗୁରୁତର ଉଲଙ୍ଘନ କରୁଛି ଏବଂ ଏହି ଯୁଦ୍ଧ ଫଳରେ ବହୁ ବେସାମରିକ ଲୋକଙ୍କ ମୃତ୍ୟୁ ଘଟଣାକୁ ସେମାନେ ଦୃଢ଼ ନିନ୍ଦା କରିଛନ୍ତି। ପଥପ୍ରାନ୍ତ ସଭାରେ ବରିଷ୍ଠ ଶ୍ରମିକ ନେତା ଗୌରାଙ୍ଗ ପାଣିଗ୍ରାହୀ ଅଧକ୍ଷତା କରିଥିବା ବେଳେ ବନ୍ଦନା ବିଶ୍ୱାସ ଧନ୍ୟବାଦ ଦେଇଥିଲେ। ଷ୍ଟାଲିନ ମିଶ୍ର ସ୍ୱରଚିତ କବିତା 'ଟ୍ରମ୍ପ ହୁଅ ହୁସିଆର' ଶୀର୍ଷକ କବିତା ପାଠ କରିଥିଲେ।

## ଫକୀରମୋହନ ସାହିତ୍ୟ ପରିଷଦରେ ହୋଲି ଉତ୍ସବ

ବାଲେଶ୍ୱର, ୫।୩(ସମିସ): କବିତୀର୍ଥ ଶାନ୍ତିକାନନରେ ଫକୀରମୋହନ ସାହିତ୍ୟ ପରିଷଦ ତରଫରୁ ହୋଲି ଉତ୍ସବ ଓ ହୋଲି କବିତା ଆସର ପାଳିତ ହୋଇଯାଇଛି। ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦଙ୍କ ପୌରୋହିତ୍ୟରେ କବି ଜୁମରନାଥ ପାତ୍ର ଓ ପଦ୍ମଲୋଚନ ପ୍ରଧାନଙ୍କ ସଂଯୋଜନାରେ କବିତା ଆସର ଅନୁଷ୍ଠିତ ହୋଇଥିଲା। ଆସର ପ୍ରାରମ୍ଭରେ ଯୁଗ୍ମ ସମ୍ପାଦିକା



କଲ୍ୟାଣୀ ନନ୍ଦ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଦୀନବନ୍ଧୁ ଲେଙ୍କା ଡ. ଶିରୀଶ ଚନ୍ଦ୍ର ଜେନା, ଦୀପକ ବୋଷ, ପ୍ରଦୀପ ଚାଟାର୍ଜୀ, ନିବାରଣ ଜେନା, ତପନ ରାୟ, ପ୍ରଭାତ କୁମାର ଆଚାର୍ଯ୍ୟ, ସମର ବଲ୍ଲଭ ଭୋଇ, ଦୀପକ ଦାସ, ରଞ୍ଜନ ବାଗ, ଦୀପକ ଦାସ, ସନ୍ତୋଷ କୁମାର ସାହୁ, ଦେବେନ୍ଦ୍ର ଦାସ, ପ୍ରଶାନ୍ତ କୁମାର ମହାନ୍ତି, ଶାନ୍ତିଲତା ପଣ୍ଡା, ବାସନ୍ତୀ ଦେ, ଅର୍ଚ୍ଚନା କର, ଶାନ୍ତି ବିଶି, କବିତା ଜେନା, ପ୍ରଜ୍ଞାରାଣୀ ମଲ୍ଲିକ, ସଙ୍ଗୀତା ରଥ ପ୍ରଭୁତି ଯୋଗଦେଇ ସ୍ୱରଚିତ କବିତା ଓ ଦୋଳ ପୂର୍ଣ୍ଣିମା ଉପରେ ମତ ରଖିଥିଲେ। ସମ୍ପାଦକ ରତ୍ନାକର ସିଂହ ପ୍ରାକ କଥନ ରଖିଥିବା ବେଳେ ଯୁଗ୍ମ ସମ୍ପାଦକ ରାଜେଶ ଗିରି ଧନ୍ୟବାଦ ଅର୍ପଣ କରିଥିଲେ।

## ସିପିଏମ୍‌ର ଜିଲ୍ଲା ସମ୍ପାଦକ ମଣ୍ଡଳୀ ବୈଠକ

ବାଲେଶ୍ୱର, ୫।୩ (ସମିସ): ସମ୍ପ୍ରତି ଜିଲ୍ଲାରେ ଧାନ ବିକ୍ରୀ କରିବାକୁ ଚାଷୀକୁଳ ରାସ୍ତାରେ ଧାନ ରଖି ଆନ୍ଦୋଳନ କରୁଛନ୍ତି। ସରକାର ଧାନ କିଣିବା ପାଇଁ କୌଣସି ବ୍ୟବସ୍ଥା ନେଉନାହାନ୍ତି। ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହୋଇ ନ ଥିବା ବେଳେ ପ୍ରଶାସନ, ମିଲର, ସୋସାଇଟି ଏବଂ ସରକାରଙ୍କ ମଧୁଚନ୍ଦ୍ରିକା ହେତୁ ଏହି ଧାନ ବିକ୍ରି ନ ହୋଇ ଚାଷୀଙ୍କୁ ଶୋଷଣ କରି ବିଜେପିର ଡବଲ ଇଂଜିନ ସରକାର ବେଶ ପ୍ରତାରିତ କରୁଛି। ସେହିପରି ଖଣି, ଖାଦାନ ଏବଂ ବାଲି ମାଫିଆଙ୍କ ଆକ୍ରମଣ ଓ ଆତଙ୍କ ଏହି ସମୟ ମଧ୍ୟରେ ଜିଲ୍ଲାରେ ବୃଦ୍ଧି ପାଇଛି ବୋଲି ଆଜିର ଜିଲ୍ଲା ସମ୍ପାଦକ ମଣ୍ଡଳୀ ବୈଠକରେ ସିପିଆଇଏମ ମତ ପ୍ରକାଶ କରିଛି। ପ୍ରଶାସନିକ ଅଫିସର, ଖଣି ମାଫିଆ ଏବଂ ସରକାରୀ ଦଳର ସହଯୋଗରେ ଏଭଳି କାର୍ଯ୍ୟ ଖୁଲମ ଖୁଲା ଚାଲିଛି ବୋଲି ସିପିଆଇଏମ ଦାବୀ କରିବା ସହିତ ସରକାରଙ୍କୁ ଚେତାବନୀ ଦେଇଛି। ରେସନ କାର୍ଡ ଇ କେ ୱାଇ ସି ନାଁ ରେ ଅନେକ ପ୍ରକୃତ ହିତାଧିକାରୀଙ୍କୁ ରେସନ ପାଇବାରୁ ବଞ୍ଚିତ କରୁଛନ୍ତି। ସେହିପରି ମନରେଗା ଯୋଜନା ବନ୍ଦ ହେଲା ପରେ ଦାଦନକୁ ଯିବା ସଂଖ୍ୟା ବଢ଼ିଚାଲିଛି। ଇକୋ ସେନସିଟିଭ ନାଁରେ ନୀଳଗିରିରେ ଆଦିବାସୀ ମାନଙ୍କୁ ଉଚ୍ଛେଦ କରିବା ବିରୁଦ୍ଧରେ ଜିଲ୍ଲା ତମାମ ବ୍ୟାପକ ପ୍ରଚାର ଅଭିଯାନ ନେବା ସହିତ ଆସନ୍ତା ଏପ୍ରିଲ ମାସ ଏକ ରୁ ଦଶ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ବିଭିନ୍ନ ବ୍ଲକରେ ବିକ୍ଷୋଭ ଆନ୍ଦୋଳନ ସଂଗଠିତ ହେବ ବୋଲି ଆଜିର ବୈଠକରେ ନିଷ୍ପତ୍ତି ହୋଇଛି। ଏଥିପାଇଁ ଚଳିତ ମାସ ୨୦, ୨୧ ଓ ୨୨ତାରିଖରେ ବାଲେଶ୍ୱର ଠାରେ ଭଦ୍ରକ, ଯାଜପୁର, ମୟୁରଭଞ୍ଜ ଏବଂ



ବାଲେଶ୍ୱର ଜିଲ୍ଲାର ଆଗୁଆ କର୍ମୀ ମାନଙ୍କର କର୍ମଶାଳା ସଂଗଠିତ ହେବ ବୋଲି ଆଜିର ଜିଲ୍ଲା ସମ୍ପାଦକ ମଣ୍ଡଳୀ ବୈଠକରେ ନିଷ୍ପତ୍ତି ନିଆ ଯାଇଛି ବୋଲି ଜିଲ୍ଲା ସମ୍ପାଦକ ଶିଶିର ହୁଇ ଏଠାରେ ଏକ ବିବୃତିରେ ପ୍ରକାଶ କରିଛନ୍ତି। ଆଜିର ବୈଠକ ସୀତାଂଶୁ ସେନାପତିଙ୍କ ଅଧକ୍ଷତାରେ ହେବା ସହିତ ବୈଠକରେ ରାଜ୍ୟ କମିଟି ସଭ୍ୟ ନିର୍ମଳ ନାୟକ, ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ବିଜୟ କୁମାର ପାତ୍ର, ପ୍ରେମ ରଞ୍ଜନ ପାତ୍ର ଏବଂ ଦୀପ୍ତିମାନ ଆଚାର୍ଯ୍ୟ ପ୍ରଭୃତି ନେତୃତ୍ୱ ଉପସ୍ଥିତ ଥିଲେ।

## ଟିପିଏନ୍‌ଓଡିଏଲ ପକ୍ଷରୁ ଲାଇନମ୍ୟାନ ଦିବସ

ବାଲେଶ୍ୱର, ୫।୩ (ସମିସ) : ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ନର୍ଦ୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ



ଲିମିଟେଡ(ଟିପିଏନଓଡିଏଲ) ପକ୍ଷରୁ ସମସ୍ତ ସେକ୍ସନ ତଥା କାର୍ଯ୍ୟାଳୟ ସ୍ତରରେ ଲାଇନମ୍ୟାନ ଦିବସ ପାଳିତ ହୋଇଯାଇଛି। ଟିପିଏନଓଡିଏଲ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଗଜାନନ କାଲେଙ୍କ ପୌରୋହିତ୍ୟରେ ବାଲେଶ୍ୱର କର୍ପୋରେଟ କାର୍ଯ୍ୟାଳୟରେ ପରିଚାଳନା ମୁଖ୍ୟ ନୀଲେଶ ପୋଟଫଡେ, କମର୍ସିଆଲ ମୁଖ୍ୟ ଜୟଦୀପ ରୟ, ପ୍ରକଳ୍ପ ମୁଖ୍ୟ ପ୍ରଦୀପ କୁମାର ମହାନ୍ତି, ମାନବ ସମ୍ବଳ ବିଭାଗ ମୁଖ୍ୟ ରମେନ୍ଦ୍ର ବନିକ, ସୁରକ୍ଷା ବିଭାଗ ମୁଖ୍ୟ ତପନ କୁମାର ପାତ୍ର, ବାଲେଶ୍ୱର, ଭଦ୍ରକ, କେନ୍ଦୁଝର, ଯାଜପୁର ଓ ଭଦ୍ରକ ବୈଦ୍ୟୁତିକ ମଣ୍ଡଳର ଅଧିକ୍ଷଣ ଯନ୍ତ୍ରୀ ଏବଂ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଲାଇନମେନ ଦିବସର ଶୁଭାରମ୍ଭ ହୋଇଥିଲା। ଟିପିଏନଓଡିଏଲର ପକ୍ଷରୁ ଲାଇନମେନ ଦିବସ ପାଇଁ କର୍ମଚାରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗୀତା ଓ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବାବେଳେ ବିଭିନ୍ନ ସ୍ଥାନରେ ସଚେତନତା ଶୋଭାଯାତ୍ରା, ପୋଷ୍ଟର ରାଲି ମଧ ଅନୁଷ୍ଠିତ ହୋଇଯାଇଛି।

## ଚାନ୍ଦମାରି ପଡ଼ିଆରେ ବାର୍ଷିକ ନାମଯଜ୍ଞ

ବାଲେଶ୍ୱର, ୫।୩(ସମିସ): ପବିତ୍ର ଦୋଳ ପୂର୍ଣ୍ଣିମା ଅବସରରେ ଚାନ୍ଦମାରି ପଡ଼ିଆ ସୁରକ୍ଷା ସମିତି ତରଫରୁ ପଞ୍ଚମ ବାର୍ଷିକ ଚାରି ପ୍ରହର ନାମ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ରବିବାର ସନ୍ଧ୍ୟାରେ ଘଟୋତ୍ତଳନ ସହିତ ଅଧିବାସ ଅନୁଷ୍ଠିତ ହୋଇଥିଲା। ଦୁଇ ତାରିଖ ସୋମବାର ସକାଳ ଛଅ ଘଟିକାରୁ ନାମ ସଂକୀର୍ତ୍ତନ ଆରମ୍ଭ ହୋଇ ସନ୍ଧ୍ୟା ଛଅ ଟା ରେ ନଗର ପରିକ୍ରମା ସହିତ ଦଧିହାଣ୍ଡି ଭଙ୍ଗା ଯିବା ପରେ ନାମ ଯଜ୍ଞ ସମାପନ ହୋଇଥିଲା। ସମିତିର ବରିଷ୍ଠ ଉପଦେଷ୍ଟା ଅଦିତ୍ୟ କୁମାର ମହାନ୍ତି, ଗୋବିନ୍ଦ ଚନ୍ଦ୍ର ନାୟକ, ବସନ୍ତ ସିଂହ, ରାକେଶ ସେଠୀ, ସନ୍ତୋଷ କୁମାର ସେନ, ସରୋଜ ନାୟକ, ଅନନ୍ତ ଦାସ, ଅବିନାଶ ଦାସ, ବିଜୟ ପ୍ରଧାନ, ଶଶି ଶେଖର ମହାନ୍ତି, ଗୋପାଳ ଚନ୍ଦ୍ର ନାୟକ, ରଜନୀକାନ୍ତ ମହାନ୍ତ, ରାଧାକୃଷ୍ଣ ଦାସ ଏବଂ ସତ୍ୟରଞ୍ଜନ ସାହୁ ତଥା ଚାନ୍ଦମାରି ପଡ଼ିଆ (ସହଦେବଖୁଣ୍ଟା) ର ସମସ୍ତ ଅଧିବାସୀ ଏହି ଧାର୍ମିକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ମହୋତ୍ସବରେ ଅନନ୍ତ କିଶୋର ନାୟକ ଏବଂ ତାଙ୍କ ସହ ଧର୍ମିଣୀ ନିରୂପମା ନାୟକ କର୍ତ୍ତା କର୍ତ୍ତୀ ଭାବେ କାର୍ଯ୍ୟ ତୁଲାଇଥିଲେ।

## ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଚନ୍ଦନ ବୃକ୍ଷରୋପଣ

ବାଲେଶ୍ୱର, ୫।୩ (ସମିସ): ସଦର ବ୍ଲକ ବଡ଼ିକିଆ ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଚଳିତ ବର୍ଷ ମ୍ୟାଟ୍ରିକ ପରୀକ୍ଷାର୍ଥୀଙ୍କ ପାଇଁ ପୁରାତନ ବିଦ୍ୟାର୍ଥୀ ପରିଷଦ, ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ, ସାଉଁ ତରଫରୁ ଆରମ୍ଭ ହୋଇଥିବା ସହାୟତା କେନ୍ଦ୍ର ଉଦଯାପିତ ହୋଇଯାଇଛି। ଏହି ଅବସରରେ ପରିଷଦ ସଭାପତି ଜଳଧର ସାମଲଙ୍କ ଅଧକ୍ଷତାରେ ଉଦଯାପନୀ ସଭାରେ କାର୍ଯ୍ୟକ୍ରମର ସଂଯୋଜକ ମନ୍ମଥ କୁମାର ବାରିକ ମଞ୍ଚ ଆହ୍ୱାନ କରିଥିବା ବେଳେ ପରିଷଦର ଯୁବ ସଂଗଠକ 'ଅଭ୍ୟୁଦୟମ' ମୁଖ୍ୟ ସବ୍ୟସାଚୀ ପ୍ରଧାନ



ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ ଅନ୍ୟମାନଙ୍କ ମଧ୍ୟରେ ପରିଷଦର ସମ୍ପାଦକ ସୁଧାକର ସେଠୀ, ସହସମ୍ପାଦକ ନବକୁମାର ନାୟକ, ସାବିତ୍ରୀ ରାଣୀ ଦାସ, ଶୁଭଶ୍ରୀ ଶତପଥି, ବିଶ୍ୱଜିତ ସାମଲ, ଯତୀନ ମହାନ୍ତି, ସ୍ଥାନୀୟ ସମାଜସେବୀ ଠକର ଚରଣ ପାଢ଼ୀ, ବିଜୟ କୁମାର ଦାସ ପ୍ରମୁଖ କଥା ରଖିଥିଲେ। ଉପସ୍ଥିତ ଅଭିଭାବକ ଗଣ ଏବଂ ବଡ଼ିକିଆ ଶ୍ରୀ ଜଗନ୍ନାଥ ସ୍ମୃତି ମଣ୍ଡପ କମିଟି ସରୋଜ ବେହେରା, ମନୋଜ କୁମାର ବାରିକ୍ ପ୍ରମୁଖ ଉପସ୍ଥିତ ଥିଲେ। ସବ୍ୟସାଚୀ ଶତପଥି ଧନ୍ୟବାଦ ଅର୍ପଣ କରିଥିଲେ। ଜୟଶ୍ରୀ ସାହୁ, ଶୁଭ୍ରାଂଶୁ ରାଉତ, ରାହୁଲ କୁମାର ବାରିକ ରଶ୍ମି ରଞ୍ଜନ ଜେନା ପ୍ରମୁଖ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ। ମନ୍ଦିର ପରିସରରେ ଚନ୍ଦନ ବୃକ୍ଷ ରୋପଣ କରାଯିବା ସହ ପ୍ରତ୍ୟେକ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ସ୍ମୃତି ବାହକ ମ୍ୟାଟ୍ରିକ ପରୀକ୍ଷା ବର୍ଷ ୨୦୨୫-୨୬ ବ୍ୟାଚର ତୈଳ ଚିତ୍ର ପ୍ରଦାନ କରାଯାଇଥିଲା।

## ପ୍ରାଥମିକ ବିଦ୍ୟାଳୟରେ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ

ବାଲେଶ୍ୱର, ୫।୩ (ସମିସ): ଶାସଙ୍ଗ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତିଲତା ପ୍ରଧାନଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସେ ଏକାଧାରାରେ ଜଣେ କର୍ତ୍ତବ୍ୟ ପରାୟଣ, ଚରିତ୍ରବତ୍ତା, ସମୟାନୁବର୍ତ୍ତିତା, ପରୋପକାରୀ ଶିକ୍ଷୟିତ୍ରୀ ଥିଲେ। ଉକ୍ତ ସଭାରେ ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ଉକ୍ତ ସଭାରେ ସଦର ବ୍ଲକର ବିଆରସିସି ଶୁଭେନ୍ଦୁ କୁମାର ତ୍ରିପାଠୀ ମୁଖ୍ୟ ବକ୍ତା ଭାବେ ଯୋଗଦାନ କରିଥିଲେ। ଏତଦ୍ ବ୍ୟତୀତ ଶାସଙ୍ଗ ଗ୍ରାମର ସରପଞ୍ଚ



ପ୍ରଫୁଲ୍ଲ ଦ୍ୱିବେଦୀ ଓ ସମିତି ସଭ୍ୟ ସୁନି ସୋରେନ, ସିଆରସିସି ପଲସପୁର କ୍ଲଷ୍ଟର ସ୍ନିଗ୍ଧ ପଣ୍ଡା ଓ ପଲସପୁର କ୍ଲଷ୍ଟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଉକ୍ତ ସଭାରେ ଯୋଗଦେଇ ଉତ୍ସବକୁ ବିଦାୟୀ ଶିକ୍ଷୟତ୍ରୀଙ୍କୁ ସମ୍ବର୍ଦ୍ଧନା କରିଥିଲେ। ଉକ୍ତ ବିଦ୍ୟାଳୟର ସଭାପତି ନାରାୟଣ ଦାସ, ଶିକ୍ଷୟତ୍ରୀ ସାବିତ୍ରୀ ତ୍ରିପାଠୀ, ମନୋରମା ଦାସ, ସବିତା ରାଣୀ ବାରିକ ଓ ସମସ୍ତ ଏସ୍ ଏମ୍ ସି ର ସଭ୍ୟ ସଭ୍ୟା ଯୋଗ ଦେଇଥିଲେ। ଶେଷରେ ଶିକ୍ଷୟତ୍ରୀ ମନୋରମ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।



# ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜୟନ୍ତୀ

## ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ



















କେନ୍ଦୁଝର, ୫।୩(ସମିସ):

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜୟନ୍ତୀ ଅବସରରେ ଜିଲ୍ଲା ବିଜେଡି ତରଫରୁ ଭକ୍ତିପୁତ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଛି। ଏହି ଅବସରରେ 'ସମୃଦ୍ଧ ଓଡ଼ିଶା ଗଠନରେ ବିଜୁବାବୁଙ୍କ ଅବଦାନ' ସମ୍ପର୍କରେ ଆଲୋଚନା କରାଯାଇଥିଲା। ନବଉତ୍କଳର ପ୍ରଗତି ସାରଥୀ ସାଜିଥିବା ଏହି ମହାନ ଜନନାୟକଙ୍କ ଜନ୍ମତିଥିରେ ଦଳୀୟ କର୍ମୀ ଓ କର୍ମକର୍ତ୍ତା ସାମିଲ ହୋଇଥିଲେ। ସକାଳ ୯ଟା ସମୟରେ ବିଜେଡି ଜିଲ୍ଲା ସଭାପତି ଆଶିଷ ଚକ୍ରବର୍ତ୍ତୀଙ୍କ ନେତୃତ୍ୱରେ କେନ୍ଦୁଝର ସହରସ୍ଥ ଥାନା ଛକଠାରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୂର୍ବତନ ସାଂସଦ ମାଧବ ସର୍ଦ୍ଦାର, ପୂର୍ବତନ ପୌରାଧ୍ୟକ୍ଷା ମୀନା ମାଝୀ, ଜିଲ୍ଲା ବରିଷ୍ଠ ଉପସଭାପତି ପ୍ରମୋଦ ପଟ୍ଟନାୟକ, ଜିଲ୍ଲା କୋଷାଧ୍ୟକ୍ଷ ରକ୍ଷାକର ସାହୁ, ସଦର ବ୍ଲକ ସଭାପତି ଚକ୍ରଧର ପରିଡା, ପ୍ରାକ୍ତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ତଥା ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ କମଳିନୀ ପାତ୍ର, ଜିଲ୍ଲା ପରିଷଦ ସଦସ୍ୟ ରଥ ମୁଣ୍ଡା, ନଗର ବିଜେଡି ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, ଦେବୁ ପଟ୍ଟନାୟକ, ଜଗଦୀଶ ଆପଟ, ଝୁମ୍ପୁରା ବ୍ଲକ ଅଧ୍ୟକ୍ଷା ମାଳତି ନାଏକ, ଝୁମ୍ପୁରା ବ୍ଲକ ସଭପତି ଡ଼ମ୍ବୁରୁଧର ଦାସ, କେନ୍ଦୁଝରଗଡ଼ ପୌରପାଳିକାର କାଉନସିଲର ଶରତଚନ୍ଦ୍ର ସାହୁ, କେକୀ କାକଳି କୁମୁରା, ଆଦିବାସୀ ଯୁବ ନେତା ସତ୍ୟବ୍ରତ ନାଏକ, ବରିଷ୍ଠ କର୍ମୀ ବିପିନ ଆପଟ, ନରେନ୍ଦ୍ର ନାଏକ, ଭୋଳାନାଥ ନାଏକ, ରମେଶ ନାଏକ, ରବୀନ୍ଦ୍ର ପାତ୍ର, ହୃଦାନନ୍ଦ ପ୍ରଧାନ, ଗଦାଧର ପଟ୍ଟନାୟକ, କମୁଲୁ ସାହୁ, ପ୍ରଫୁଲ୍ଲ ପ୍ରଧାନ, ଯୁବ ନେତା ଟିକିନା ବ୍ରହ୍ମ, ମୁନା ପାଣି, ବାସୁଦେବ ଜେନା, ବୁବୁ ସାହୁ, ଅନାଦି ପ୍ରଧାନ, ପରମେଶ୍ୱର ବାରିକ, ଶ୍ରୀକାନ୍ତ ମହାନ୍ତ, ଅରୁଣ ମନ୍ତ୍ରୀ, ଅଜ୍ଜୁ ଘଡେଇ, ଲୁଲୁ ସାହୁ, ଅଭି ନାଏକ, ବାବି ପଟ୍ଟନାୟକ, ପପୁ ଯାଦବ, ସୁଶାନ୍ତ ପ୍ରଧାନ, ମହେନ୍ଦ୍ର ସାହୁ, ମନ୍ମଥ ଘଣା, ରଞ୍ଜନ ବେହେରା, ମନୋଜ ବେହେରା, ସରପଞ୍ଚ ତପନ ନାଏକ, ବସନ୍ତ ପ୍ରଧାନ ପ୍ରମୁଖଙ୍କ ସହ ଶତାଧିକ କର୍ମୀ ମାଲ୍ୟାର୍ପଣ କରିଥିଲେ। ବିଜୁବାବୁଙ୍କ ସ୍ମୃତିରେ ବହୁ ବରିଷ୍ଠ ନେତା ଶ୍ରଦ୍ଧାଞ୍ଜଳି ଅର୍ପଣ କରି ବକ୍ତବ୍ୟ ପ୍ରଦାନ କରିଥିଲେ।

**ବାଲିବନ୍ଧ:** ଝୁମ୍ପୁରା ବ୍ଲକ କାର୍ଯ୍ୟାଳୟସ୍ଥିତ ବିଜୁ ପଟ୍ଟନାୟକ ପ୍ରତିମୂର୍ତ୍ତିରେ ପ୍ରଦୀପ ପ୍ରଜ୍ୱଳନ ସହ ମାଲ୍ୟାର୍ପଣ କରାଯାଇଥିଲା। ସୁଶାନ୍ତ କୁମାର ପ୍ରଧାନଙ୍କ ଆହ୍ୱାନକ୍ରମେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଝୁମ୍ପୁରା ବ୍ଲକ ବିଜୁ ଜନତା ଦଳର ସଭାପତି ଡମ୍ବୁରୁଧର ଦାସ, ବ୍ଲକ ଅଧ୍ୟକ୍ଷା ମାଳତୀ ନାଏକ, ବିଡ଼ିଓ ହୃଦାନନ୍ଦ ଅଡା, ଜିଲ୍ଲା ସାଧାରଣ ସଂପାଦକ ମହେନ୍ଦ୍ର କୁମାର ସାହୁ, ରମେଶ ନାଏକ, ବରିଷ୍ଠ ଉପଦେଷ୍ଟା ବିପିନ ଆପାଟ, ରଞ୍ଜନ ବେହେରା, ନହବେଡ଼ା ସମିତିସଭ୍ୟ ବସନ୍ତ ପ୍ରଧାନ, ପ୍ରଫୁଲ୍ଲ ପ୍ରଧାନ, ଭୋଳାନାଥ ନାଏକ, ରବି ପାତ୍ର ପ୍ରମୁଖ ଉପସ୍ଥିତ ମାଲ୍ୟାର୍ପଣ ଓ ସ୍ମୃତିଚାରଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

**ହାଟଡ଼ିହୀ:** ହାଟଡ଼ିହୀ ବ୍ଲକ ଅଧୀନ ଶାଳଣିଆଁଠାରେ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ୧୧୦ତମ ଜୟନ୍ତୀ ପାଳିତ ହୋଇଯାଇଛି। ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀଙ୍କ ନେତୃତ୍ୱରେ ହାଟଡ଼ିହୀ ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ସେଠୀ ଏହି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ବିଜେଡ଼ି ଯୁବକର୍ମୀ ଦୀପ୍ତିରଞ୍ଜନ ଦାସ ଓ ଅମରେନ୍ଦ୍ର ଧଳ ଏହାକୁ ପରିଚାଳନା କରିଥିଲେ। ଶାଳଣିଆଁ ମେଡିକାଲ ପରିସରରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ନୂତନ ବସ୍ତ୍ର, ଧୂପଦୀପ ବନ୍ଦାପନା ସହ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଜୟନ୍ତୀ ପାଳନ କରାଯାଇଥିଲା। ଶାଳଣିଆଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ସମସ୍ତ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା। ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସୋମନାଥ ଦାସ, ସଭ୍ୟ ବିମ୍ବାଧର ବିଶ୍ୱାଳ, କୌଶଲ୍ୟା ସେଠୀ, ବ୍ଲକ ଉପାଧ୍ୟକ୍ଷ ରତିକାନ୍ତ ରାଉତ, ହାଟଡ଼ିହୀ ବ୍ଲକ ସଭାପତି ସୁରେନ୍ଦ୍ର ନାୟକଙ୍କ ସମେତ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ନରେନ୍ଦ୍ର ନାୟକ, ଗୌରାଙ୍ଗ ରଣା, ବୀରେନ୍ଦ୍ର ବିଶ୍ୱାଳ, ବରିଷ୍ଠ ନେତା ବୈଦ୍ୟନାଥ ସାମଲ, କାମପାଳ ନାୟକ, ଗୋପାଳ ନାୟକ, ରଙ୍ଗାଧର ମଲ୍ଲିକ, ସରପଞ୍ଚ ରମାକାନ୍ତ ନାୟକ, ଜଗବନ୍ଧୁ କାଣ୍ଡି, ଯୁବକର୍ମୀ ଦିଲ୍ଲୀପ ମଲ୍ଲିକ, ଅଭଜିତ ସେନାପତି, ନିର୍ମଳ ସେଠୀ, ଅତୁଲ ବେହେରା, ଅରୂପ ସା, କାହ୍ନୁଚରଣ ସା, ରାଜେନ୍ଦ୍ର ଜେନା, କୁଳମଣି ରାଉତ, ପ୍ୟାରୀମୋହନ ମଲ୍ଲିକ, ଦୁଃଶାସନ ସାହୁ, ବିମଳ କିଶୋର ଜେନା, ନନ୍ଦଚରଣ ଜେନା, ଉଦୟନାଥ ସା, ରଞ୍ଜନ ପହି, ତ୍ରୈଲୋକ୍ୟନାଥ ସାହୁ, ପତିତପାବନ ଦେଓ ପ୍ରମୁଖଙ୍କ ସମେତ ଶତାଧିକ କର୍ମୀ ଯୋଗ ଦେଇଥିଲେ।

**ଯୋଡ଼ା:** ଯୋଡ଼ା ପୌରପାଳିକା ଅନ୍ତର୍ଗତ ଗୋପବନ୍ଧୁ ହଟିଙ୍ଗ ନିକଟସ୍ଥ ବିଜୁ ଜନତା ଦଳ କାର୍ଯ୍ୟାଳୟଠାରେ ପ୍ରବାଦ ପୁରୁଷ ମହାନ ଜନନାୟକ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜନ୍ମଦିନ ପାଳିତ ହୋଇଯାଇଛି। ଯୋଡ଼ା ଉପନଗରପାଳ ସନ୍ଧ୍ୟା ପାତ୍ରଙ୍କ ଦ୍ୱାରା ଆୟୋଜିତ ଏହି ଉତ୍ସବରେ କେନ୍ଦୁଝର ଜିଲ୍ଲା ଚମ୍ପୁଆ ଉପଖଣ୍ଡ ବିଜେଡି ଜିଲ୍ଲା ସମ୍ପାଦକ ବାବୁଲାଲ ସାହୁ ଉପସ୍ଥିତ ଥିଲେ। ବରିଷ୍ଠ ନେତା ନିରଂଜନ ବହିଦାର ବିଜୁ ବାବୁଙ୍କୁ ପୁଷ୍ପାଞ୍ଜଳି ପ୍ରଦାନ କରି ତାଙ୍କର କୃତିତ୍ୱ ବିଷୟରେ କର୍ମୀଙ୍କୁ କହିଥିଲେ। ପୁରୁଣା ବିଜେଡି କର୍ମୀ ତଥା ପୂର୍ବତନ ବିଜୁ ଶ୍ରମିକ ସାମୁଖ୍ୟ ସମ୍ପାଦକ ହୃଷିକେଶ ଜେନା (କାବୁ), ମାୟାଧର ପାତ୍ର, ପୂର୍ବତନ କାଉନସିଲର ସସ୍ମିତା ମହାନ୍ତି, ପୂର୍ବତନ କାଉନସିଲର ଜିତେନ୍ଦ୍ର ଜୟସ୍ୱାଲ, ଯୁବ ସଂଗଠକ ସୁଶାନ୍ତ ବାରିକ, ମଞ୍ଜୁ ନାଏକ, ଝରଣା ସୁର, ରଜନୀ ମହାନ୍ତ, ସୁନୀଲ ସାମଲ, ପବିତ୍ର ଦାଶ, ତପନ ପାତ୍ର, ବରୁଣ ଆପଟ, ଦୀପଙ୍କର ବିଶ୍ୱାସ, ଅବୁଲ ହୁସେନ ଯୋଗ ଦେଇଥିଲେ।

**ତୁରୁମୁଙ୍ଗା:** ପାଟଣା ମୁଖ୍ୟାଳୟସ୍ଥିତ କଲ୍ୟାଣ ମଣ୍ଡପଠାରେ ବିଜେଡି ପକ୍ଷରୁ ପାଟଣା ନିର୍ବାଚନ ମଣ୍ଡଳୀସ୍ତରୀୟ ୧୧୦ତମ ବିଜୁ ଜୟନ୍ତୀ ଗୁରୁବାର ପାଳିତ ହୋଇଯାଇଛି। ପାଟଣା, ସାହାରପଡା, ଚମ୍ପୁଆ ଓ ଝୁମ୍ପୁରା ବ୍ଲକର ଶତାଧିକ ନେତା ଓ କର୍ମୀ ସାମିଲ ହୋଇଥିଲେ। ପୂର୍ବତନ ବିଧାୟକ ଜଗନ୍ନାଥ ନାଏକଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପାଟଣା ବ୍ଲକ ବିଜେଡ଼ି ସଭାପତି ମାଧବାନନ୍ଦ ପୃଷ୍ଟି, ସାହାରପଡା ବ୍ଲକ ସଭାପତି ଦିଲ୍ଲୀପ କୁମାର ସାହୁ, ଜିଲ୍ଲା ବିଜେଡ଼ି ଉପସଭାପତି ରାହାସ ବିହାରୀ ପୃଷ୍ଟି, ଜିଲା ସାଧାରଣ ସମ୍ପାଦକ ପ୍ରଶାନ୍ତ ଭଞ୍ଜ, ନିରଞ୍ଜନ ତ୍ରିପାଠୀ, ଜିଲ୍ଲା ସଂପାଦକ ଶତ୍ରୁଘନ ସିଂ, ବରିଷ୍ଠ ନେତା ଅଜୟ ପଟ୍ଟନାୟକ, ବସନ୍ତ ମିଶ୍ର, ପୂର୍ବତନ ପାଟଣା ବ୍ଲକ ଅଧ୍ୟକ୍ଷା ସୁକାନ୍ତି ନାଏକ, ଜିଲ୍ଲା ପରିଷଦ ସଦସ୍ୟ ବୁଦ୍ଧଦେବ ମହାକୁଡ଼, ରାଧାକାନ୍ତ ନାଏକ, ରୁନୁ ମହାନ୍ତ, ସୌଭାଗ୍ୟ ମଞ୍ଜରୀ ନାୟକ, ବଡପାଟଣା ସରପଞ୍ଚ ବିନତି ବାନାରା, ଏରେଣ୍ଡେଇ ସରପଞ୍ଚ ପାର୍ବତୀ ଦେହୁରୀ, ମହିଳା ନେତ୍ରୀ କନକଲତା ନାଏକ, ବିଜେଡ଼ି ନେତା ବିଜୟ ପଇଦା, ରାଜବଲ୍ଲଭ ଦେହୁରୀ ପ୍ରମୁଖ ସାମିଲ ହୋଇଥିଲେ। ଯଦୁମଣି ବାରିକ ମଞ୍ଚ ପରିଚାଳନା କରିଥିବା ବେଳେ ସନ୍ତୋଷ ତ୍ରିପାଠୀ, ପ୍ରିତମ କୁମାର ପଣ୍ଡା, ସନ୍ତୋଷ କର, ସୁଦାମ ଦାଶ, ଲିପୁ ତ୍ରିପାଠୀ ସହଯୋଗ କରିଥିଲେ।

**ଆନନ୍ଦପୁର:** ଆନନ୍ଦପୁର ଓ ଘଷିପୁରା ନିର୍ବାଚନମଣ୍ଡଳୀରେ ବିଜୁବାବୁଙ୍କ ଜୟନ୍ତୀ ପାଳିତ ହୋଇଛି। ଆନନ୍ଦପୁର କଚେରି ଛକରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ ପୂଜାର୍ଚ୍ଚନା କରାଯାଇଥିଲା। ବିଜେଡି ନେତା ରମାକାନ୍ତ ବେହେରାଙ୍କ ସଂଯୋଜନାରେ ଜିଲ୍ଲା ଯୁବ ବିଜେଡି ସଭାପତି ରାକେଶ ରାମ ଜିଲ୍ଲା ସମ୍ପାଦକ ସୁଶୀଲ ହୋତା ସତ୍ୟବ୍ରତ ରାମ ସୁରେନ୍ଦ୍ର ଦାସ ରାମଚନ୍ଦ୍ର ପଲେଇ ଛାବୁଲି ଧଳ ଓ ଶୁଭର୍ଜିତ ରାମଙ୍କ ସମେତ ଦଳୀୟ ନେତୃବୃନ୍ଦ ଯୋଗ ଦେଇଥିଲେ। ସେହିପରି ଘସିପୁରା ବ୍ଲକ୍ ଅନ୍ତର୍ଗତ ଦେଓଗାଁକଲ୍ୟାଣ ମଣ୍ଡପଠାରେ ବିଜେଡ଼ି ନେତା ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷଙ୍କ ଅଧ୍ୟକ୍ଷତାରେ ଓଡ଼ିଶାର ପ୍ରବାଦ ପୁରୁଷ ତଥା କଳିଙ୍ଗ ସମ୍ରାଟ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଆଗମୀ ଦିନରେ ବିଜେଡ଼ି ସରକାର କରିବା ସହ ପଞ୍ଚାୟତ ନିର୍ବାଚନରେ ବାଜିମାତ୍ କରିବ ବୋଲି ବିଜେଡି ନେତାମାନେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ବରିଷ୍ଠ ବିଜେଡି ନେତା ପରେଶ କୁଆଁର, ପର୍ଶୁରାମ ମହାରଣା, ସତ୍ୟରଞ୍ଜନ ଭୂୟାଁ, ବାବୁ ଦାସ, ବିଜୟ ଚକ୍ର, ନଣ୍ଡା ନାୟକ, ପ୍ରସନ୍ନ ପାତ୍ର ପଦ୍ମନାଭ ଶା, ଭଣ୍ଡରିଡିହା ପଞ୍ଚାୟତ କୃଷ୍ଣଚନ୍ଦ୍ର ରାଉତ, ଜିଲ୍ଲା ପରିଷଦ ମଧୁସ୍ମିତା ଦାସ, ସଂଜୟ ଜେନା ପ୍ରମୁଖଙ୍କ ସହ ୨୦୦ରୁ ଅଧିକ ବିଜେଡି କର୍ମୀ ଯୋଗ ଦେଇଥିଲେ।

## ହାତୀ ଆକ୍ରମଣରେ ବୃଦ୍ଧଙ୍କ ମୃତ୍ୟୁ

# କ୍ଷତିପୂରଣ ଦାବିରେ ରାଜପଥ ଅବରୋଧ

**କୁଳିଅଣା, ୫।୩(ସମିସ):** କୁଳିଅଣା ଥାନା ଅଂଚଳରେ ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁକୁ କେନ୍ଦ୍ର କରି ଏକ ବଡ଼ଧରଣର ଜନଅସନ୍ତୋଷ ଦେଖାଦେଇଛି। ମୃତକ ଜଣଙ୍କ ହେଲେ କୁଳିଅଣା ବ୍ଲକ ଅଧୀନ ଦିଗାରାଅଣ୍ଡିଆ ଗ୍ରାମର ବଂଶୀଧର ଗିରି (୬୦)। ଗତ ମଙ୍ଗଳବାର ଭୋର ସମୟରେ ସେ ବାଡିକୁ ପରିବା ତୋଳିବାକୁ ଯାଇଥିବାବେଳେ ଏକ ହାତୀ ହାବୁଡ଼ରେ ପଡିଯାଇଥିଲେ। ହାତିଟି ଶୁଣ୍ଢରେ ଟେକି ଫିଙ୍ଗି ଦେବା ସହ ପାଦରେ ଚାପି ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଘଟଣାର ପ୍ରତିବାଦରେ ସ୍ଥାନୀୟ ଲୋକେ ଶବକୁ ଆଣି ୧୮ ନଂ ଜାତୀୟରାଜପଥର ବଳିମୁଣ୍ଡୁଳି ଛକ ଜେଜେ ଢାବା ନିକଟରେ ରାସ୍ତା ଉପରେ ରଖି ପ୍ରାୟ ୩ ଘଣ୍ଟା ଧରି ରାଜପଥ ଅବରୋଧ କରିଥିଲେ। ଏଥିରେ ୮ ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟ ଦୁର୍ଗା ଚରଣ ମାରାଣ୍ଡି, ୯ ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟ ଆନନ୍ଦ ଟୁଡୁ, ପୂର୍ବତନ ସରପଞ୍ଚ କରୁଣାକର କର, ସମାଜସେବୀ ରବୀନ୍ଦ୍ର କର, ସଂଜିତ କାନୁନଗୋ, ପ୍ରସାଦ ପାତ୍ର, ତାରାପଦ ନାଥ ପ୍ରମୁଖ ସାମିଲ ହୋଇ ଲୋକଙ୍କ ଦାବିକୁ ସମର୍ଥନ କରିଥିଲେ। ଖବର ପାଇ ଘଟଣାସ୍ଥଳରେ କୁଳିଅଣା ଥାନା ଆଇଆଇସି ସୁଦୀପ କୁମାର ମହାପାତ୍ର, ଏଏସ ଆଇ ଗୋଲକ ବିହାରୀ ମିଶ୍ର ସଦଳବଳେ ପହଞ୍ଚିଥିଲେ। ଏସଡିପିଓ ପ୍ରଭାତ କୁମାର ମଲ୍ଲିକ ମଧ ଘଟଣା ସ୍ଥଳରେ ପହଞ୍ଚିଥିଲେ। ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡି ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝା ସୁଝା କରିଥିଲେ। ମୃତକଙ୍କ ପରିବାରକୁ ରେଡ଼କ୍ରସ ତରଫରୁ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ବନ ବିଭାଗ ପକ୍ଷରୁ ଦେଉଳି ରେଞ୍ଜର ଜଗଦୀଶ କୁମାର ଦାସ, ଡିଏଫଓ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ ଓ କୁଳିଅଣା ଅତିରିକ୍ତ ତହସିଲଦାର ପ୍ୟାରୀମୋହନ ହେମ୍ବ୍ରମ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ପରିବାରକୁ କ୍ଷତି ପୂରଣ ବାବଦକୁ ୧୦ ଲକ୍ଷ ଟଙ୍କା, ଜଣେ ସଦସ୍ୟଙ୍କୁ ଚାକିରି, ଯେଉଁ ସମ୍ପୃକ୍ତ କର୍ମଚାରୀଙ୍କ ଅବହେଳା ପାଇଁ ଏଭଳି ଘଟଣା ଘଟିଛି ତାଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ, ଯେଉଁ ଗ୍ରାମବାସୀଙ୍କ ଫସଲ ନଷ୍ଟ ହୋଇଛି ତାଙ୍କର ଉଚିତ କ୍ଷତିପୂରଣ ପ୍ରଦାନ, ହାତୀଙ୍କୁ ଘଉଡ଼ାଇ ଶିମିଳିପାଳ ଜଙ୍ଗଲରେ ଛାଡ଼ିବାପାଇଁ ଆନ୍ଦୋଳନକାରୀଙ୍କୁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଯାନବାହାନ ଚଳାଚଳ ସ୍ୱାଭାବିକ ହୋଇଥିଲା।



### ୩ ଘଣ୍ଟା ଯାନବାହନ ଚଳାଚଳ ଠପ୍

# ଜାତୀୟ ପ୍ରତିନିଧି ଦଳର ଖଇରବାଣୀ ଆଶ୍ରମ ବିଦ୍ୟାଳୟ ପରିଦର୍ଶନ

**ବୈଶିଙ୍ଗା, ୫।୩ (ସମିସ):** ବୈଶିଙ୍ଗା ଥାନା ଅଧୀନ ଖଇରବାଣୀ ଆଶ୍ରମ ବିଦ୍ୟାଳୟରେ ସ୍ୱଚ୍ଛ ଓ ହରିତ ବିଦ୍ୟାଳୟ ଚୟନକାରୀ ଦଳର ଜାତୀୟ ପ୍ରତିନିଧି ରାହୁଲ କୁମାର ପରିଦର୍ଶନରେ ଆସିଥିଲେ। ଏହି ଚୟନ ପ୍ରକ୍ରିୟାର ପ୍ରତ୍ୟେକ ମାନଦଣ୍ଡକୁ ମୂଲ୍ୟାୟନ କରିଥିଲେ। ବିଦ୍ୟାଳୟର ପ୍ରାର୍ଥନା ସଭାଠାରୁ ଆରମ୍ଭ କରି ପ୍ରତ୍ୟେକ କାର୍ଯ୍ୟକ୍ରମ, ମଧ୍ୟାହ୍ନଭୋଜନ ପରିବେଷଣ, ପାନୀୟ ଜଳ ବ୍ୟବସ୍ଥା, ପରିମଳ ବ୍ୟବସ୍ଥା, ବର୍ଜ୍ୟବସ୍ତୁ ପରିଚାଳନା, ପିଲାଙ୍କ ବ୍ୟବହାରିକ ପରିବର୍ତ୍ତନ, ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମର ସୁପରିଚାଳନା, ବିଦ୍ୟାଳୟର ସବୁଜ ସୁନ୍ଦର ପରିବେଶ ଇତ୍ୟାଦି ପର୍ଯ୍ୟବେକ୍ଷଣ କରିଥିଲେ। ସମସ୍ତ ହିତାଧିକାରୀ, ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟସଭ୍ୟା, ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଥିଲେ। ଏହି ପରିଦର୍ଶନ ସମୟରେ ପ୍ରଧାନଶିକ୍ଷୟିତ୍ରୀ ବିନୀତା ଦାଶ, ସହକାରୀ ଶିକ୍ଷୟିତ୍ରୀ ସବିତା ଦାସ, ସ୍ମରଣିକା ଦାସ, ଚିନ୍ମୟୀ ବାରିକ, ଶିକ୍ଷକ ରତିକାନ୍ତ ମହାନ୍ତ, ବାହାଦୂର ସିଂ, ଅତିଥି ଶିକ୍ଷକ ନିରଞ୍ଜନ ବିନ୍ଧାଣିଓ ଓ ସମସ୍ତ ଅଣଶିକ୍ଷକ କର୍ମଚାରୀ, ମଧ୍ୟାହ୍ନଭୋଜନ ପାଚିକା ସହାୟିକା ସହଯୋଗ କରିଥିଲେ।




# ବିଡିଓଙ୍କ ବଦଳି ଦାବିରେ ଅଧକ୍ଷ, ସମିତି ସଭ୍ୟଙ୍କ ବିକ୍ଷୋଭ




**କପ୍ତିପଦା, ୫।୩ (ସମିସ):** କପ୍ତିପଦା ବିଡିଓ ରେଶମା ଟେଟେଙ୍କ ବିରୋଧରେ ସଙ୍ଗିନ ଅଭିଯୋଗ ଆଣିଛନ୍ତି ପଞ୍ଚାୟତ ପ୍ରତିନିଧି। ଗୁରୁବାର ବ୍ଲକ ଅଧକ୍ଷ କାହ୍ନୁଚରଣ ସରେନଙ୍କ ଅଧ୍ୟକ୍ଷତାରେ ୨୬ଟି ପଞ୍ଚାୟତର ଜନପ୍ରତିନିଧି, ସମିତି ସଭ୍ୟ ଓ ଜିଲ୍ଲା ପରିଷଦ ସଦସ୍ୟ ବିଡିଓଙ୍କ ବଦଳି ଦାବିରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଥିଲେ। ବିଡିଓଙ୍କ ମନମାନୀ, କାର୍ଯ୍ୟାଳୟରେ ଅନୁପସ୍ଥିତ ରହିବା, ଜନପ୍ରତିନିଧି ତଥା ସାଧାରଣ ଜନତାଙ୍କୁ କ୍ରୂର ବ୍ୟବହାର ଦେଖାଇବା ସହ ପ୍ରକଳ୍ପ କାର୍ଯ୍ୟ ସମାପ୍ତ ହୋଇଥିଲେ ବି ରେକର୍ଡରେ ଦସ୍ତଖତ କରିବାକୁ ୧୦ ପ୍ରତିଶତ ପଇସା ମାଗିବା ଆଦି ସଙ୍ଗିନ ଅଭିଯୋଗ ଆଣିଛନ୍ତି। ଏ ନେଇ ପୂର୍ବରୁ ଗତ ୨୭ ତାରିଖରେ ସମିତି ସଭ୍ୟ ଜିଲ୍ଲାପାଳ, ଉପଜିଲ୍ଲାପାଳ, ଆଇଆଇସିଙ୍କୁ ଲିଖିତ ଅଭିଯୋଗ କରିଥିଲେ ମଧ କୈଣସି ସୁଫଳ ମିଳି ନ ଥିଲା। ଗୁରୁବାର ସମିତି ସଭ୍ୟସଭ୍ୟା, ଜିଲ୍ଲା ପରିଷଦ ସଦସ୍ୟ ଓ ଅଧକ୍ଷ ବ୍ଲକର ମୁଖ୍ୟ ଦ୍ୱାର ନିକଟରେ ଧାରଣାରେ ବସିଥିଲେ। ଫଳରେ ବ୍ଲକ କାର୍ଯ୍ୟାଳୟରେ ସମସ୍ତ କାମ ଠପ୍ ହୋଇଯାଇଥିଲା। ଉପଜିଲ୍ଲାପାଳ ସୁଶାନ୍ତ ବାରିକ, ତହସିଲଦାର ଆଶିଷ ମହାପାତ୍ର, ଉପଖଣ୍ଡ ପୁଲିସ ଅଧିକାରୀ ହୃଷିକେଶ ନାୟକ ପହଞ୍ଚି ଜନପ୍ରତିନିଧିଙ୍କୁ ବୁଝାସୁଝା କରିଥିଲେ ବି କୌଣସି ନିଷ୍କର୍ଷ ବାହାରି ନଥିଲା। ଏ ସମ୍ପର୍କରେ ବିଡିଓଙ୍କୁ ଯୋଗାଯୋଗ କରିଥିଲେ ବି କିଛି ପ୍ରତିକ୍ରିୟା ମିଳି ନ ଥିବାବେଳେ ଅଧକ୍ଷ କାହ୍ନୁଚରଣ ସରେନ ବିଡିଓଙ୍କ ବଦଳି ନ ହେବା ଯାଏ ଏହି ବିକ୍ଷୋଭ ଚାଲୁ ରହିବ ବୋଲି ପ୍ରକାଶ କରିଛନ୍ତି।

# ନାବାଳିକାକୁ ଦୁଷ୍କର୍ମ, ପ୍ରେମିକ ଅଟକ

**ବାରିପଦା, ୫।୩(ସମିସ):** ଭଞ୍ଜପୁର ଥାନା ଅଧୀନ ବୁଗୁଡାକଟା ଅଞ୍ଚଳରେ ଜଣେ ନବାଳିକା ପ୍ରେମିକାଙ୍କୁ ଦୁଷ୍କର୍ମ କରିବା ଅଭିଯୋଗରେ ନାବାଳକ ପ୍ରେମିକ ପୁଲିସ ହାତରେ ଧରାପଡ଼ିଛି। ଏନେଇ ଭଞ୍ଜପୁର ପୁଲିସ ଏକ ମାମଲା ରୁଜୁ କରିଥିବାବେଳେ ପ୍ରେମିକଙ୍କୁ ଅଟକ ରଖାଯାଇଛି। ଶୁକ୍ରବାର ଡାକ୍ତରୀ ମାଇନା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଏସଆଇ ଚନ୍ଦନ କୁମାର ନାୟକ କହିଛନ୍ତି। ସୂଚନା ମୁତାବକ ଉଭୟ ପ୍ରେମୀଯୁଗଳ ଶ୍ରମିକ ଭାବେ ବେଙ୍ଗାଲୁରୁରେ କାମ କରୁଥିଲେ। ଉଭୟଙ୍କ ମଧ୍ୟରେ ସମ୍ପର୍କ ସୁଦୃଢ ହୋଇଥିଲା। ପରବର୍ତ୍ତୀ ସମୟରେ ଉଭୟ ଶାରୀରିକ ସମ୍ପର୍କରେ ଲିପ୍ତ ଥିଲେ। ପରେ ନାବାଳିକା ଜଣକ ଦୁଷ୍କର୍ମ ଅଭିଯୋଗ ଆଣିବା ପରେ ପୁଲିସ ମାମଲା ରୁଜୁ କରି ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

# ଜିଲ୍ଲାସ୍ତରୀୟ ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମ

**ବାରିପଦା, ୫।୩(ସମିସ):** ସ୍ଥାନୀୟ ବାରିପଦା ଡିଗ୍ରୀ ମହାବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମ ଅଧକ୍ଷ ଡଃ ପ୍ରବୋଧ କୁମାର ଦେଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସାମ୍ବାଦିକ କବି ବିଷ୍ଣୁ ଶତପଥି ଓ ମୁଖ୍ୟବକ୍ତା ଭାବେ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଏନଏସଏସ ସଂଯୋଜକ ପ୍ରଫେସର ବସନ୍ତ ମହାନ୍ତ ଯୋଗଦେଇ ବିକଶିତ ଭାରତ ନିର୍ମାଣ ପାଇଁ ଯୁବ ସମାଜର ଭୂମିକା ଉପରେ ଆଲୋକପାତ କରିଥିଲେ। ଭାରତ ସରକାରଙ୍କ କ୍ରୀଡ଼ା ଓ ଯୁବ ମନ୍ତ୍ରାଳୟର ସହାୟତାରେ ଜାତୀୟ ସେବା ଯୋଜନା ଓ ମୋ ଭାରତର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। 'ଜାତୀୟ ଜରୁରୀ ପରିସ୍ଥିତିର ୫୦ ବର୍ଷ ପରେ ଭାରତୀୟ ଗଣତନ୍ତ୍ରରେ ପ୍ରଭାବ' ଶୀର୍ଷକ ଉପରେ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟରୁ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀ ନିଜ ନିଜର ମତ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ଡଃ ଅନାମ ଚରଣ ରାଉଳ, କିଟ୍ ବିଶ୍ୱବିଦ୍ୟାଳୟର ଡଃ ସ୍ମୃତିରଞ୍ଜନ ଦାସ, ଅବସରପ୍ରାପ୍ତ ଅଧକ୍ଷ ସନ୍ଦୀପ ଚାନ୍ଦ, ଅବସରପ୍ରାପ୍ତ ପ୍ରାଧ୍ୟାପକ ଆଶିଷ ଦେ ଓ ଅବସରପ୍ରାପ୍ତ ପ୍ରାଧ୍ୟାପିକା ଉଷା ଶତପଥୀ ବିଚାରକ ମଣ୍ଡଳୀର ସଦସ୍ୟ ଭାବେ ଯୋଗଦେଇ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ ନିମନ୍ତେ ୫ ଜଣ ଯୋଗ୍ୟ ପ୍ରତିଯୋଗୀ ଅଭିଷେକ ମହାନ୍ତି, କିଶନ ସାହୁ, ସୁଶ୍ରୀ ଅର୍ପିତା ଋଷିପ୍ରିୟା, ପ୍ରଭୁରଞ୍ଜନ ବେହେରା ଏବଂ ସୁଶ୍ରୀ ସ୍ୱୟଂ ସିଦ୍ଧା ପରିଡାଙ୍କୁ ଚୟନ କରିଥିଲେ। ମହାବିଦ୍ୟାଳୟର ଏନଏସଏସ ପ୍ରୋଗ୍ରାମ ଅଫିସର ଜ୍ୟୋସ୍ନାରାଣୀ ଦତ୍ତ ଧନ୍ୟବାଦ ଅର୍ପଣ କରିଥିବାବେଳେ ପ୍ରୋଗ୍ରାମ ଅଫିସର ସରୋଜ ବେହେରା ଓ ସମସ୍ତ ଅଧ୍ୟାପକ/ଅଧ୍ୟାପିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



## ବାରିପଦା କ୍ରିକେଟ ଏକାଡେମୀର ନୂଆ ପଦକ୍ଷେପ

# ଆଧୁନିକ ବୋଲିଂ ମେସିନର ଶୁଭାରମ୍ଭ

**ବାରିପଦା, ୫।୩(ସମିସ):** କ୍ରିକେଟ ଖେଳାଳିଙ୍କୁ ଅଧିକ ଦକ୍ଷ ଓ ପ୍ରତିଯୋଗୀମୁଖୀ ଭାବେ ଗଢ଼ି ତୋଳିବା ଲକ୍ଷ୍ୟରେ ବାରିପଦା କ୍ରିକେଟ ଏକାଡେମୀ ପକ୍ଷରୁ ନୂଆ ପଦକ୍ଷେପ ଗ୍ରହଣ କରାଯାଇଛି। ଏକାଡେମୀରେ ଆଧୁନିକ ବୋଲିଂ ମେସିନର ଶୁଭାରମ୍ଭ ହୋଇଛି। ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଏହି ବୋଲିଂ ମେସିନର ଉଦଘାଟନ କରିଛନ୍ତି। ନଗରପାଳ ଘୋଷଣା କରିଥିଲେ ଯେ, ପୌର ପରିଷଦ ପକ୍ଷରୁ ବାରିପଦା ମଧୁବନ ମିନି ଷ୍ଟାଡିୟମକୁ ପ୍ରାୟ ଏକ କୋଟି ଟଙ୍କା ବ୍ୟୟରେ ଉନ୍ନତ ମାନର ଷ୍ଟାଡିୟମରେ ପରିଣତ କରିବା ପାଇଁ ଶୀଘ୍ର କାର୍ଯ୍ୟାରମ୍ଭ ହେବ। ଏହାଦ୍ୱାରା ସ୍ଥାନୀୟ ଖେଳାଳି ଉତ୍ତମ ପ୍ରଶିକ୍ଷଣ ସୁବିଧା ପାଇପାରିବେ ବୋଲି ସେ କହିଥିଲେ। ବୋଲିଂ ମେସିନ ଭଳି ଆଧୁନିକ ପ୍ରଯୁକ୍ତି ସହାୟତାରେ ଖେଳାଳିମାନେ ବିଭିନ୍ନ ପ୍ରକାରର ବୋଲିଂର ସମ୍ମୁଖୀନ ହୋଇ ନିଜ ଖେଳ କୌଶଳକୁ ଉନ୍ନତ କରିପାରିବେ। ଏହା ସେମାନଙ୍କୁ ଆଗାମୀ ଦିନରେ ରାଜ୍ୟ ଓ ଜାତୀୟ ସ୍ତରରେ ସଫଳତା ଲାଭ କରିବାରେ ସହାୟକ ହେବ। ଦୀର୍ଘ ଦୁଇ ବର୍ଷ ଧରି ବାରିପଦା କ୍ରିକେଟ ଏକାଡେମୀ କୁନି କୁନି ପିଲାଠାରୁ ଆରମ୍ଭ କରି ଯୁବପିଢି ପର୍ଯ୍ୟନ୍ତ କ୍ରିକେଟ ପ୍ରଶିକ୍ଷଣ ଯୋଗାଇଆସୁଛି। ଏହି ଏକାଡେମୀରୁ ପ୍ରଶିକ୍ଷଣ ନେଇ ବହୁ ଖେଳାଳି ରାଜ୍ୟ ସ୍ତରରେ ପ୍ରତିନିଧିତ୍ୱ କରିଛନ୍ତି। ଏକାଡେମୀର ପ୍ରତିଷ୍ଠାତା ସୁଶାନ୍ତ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ସମାଜସେବୀ କାଶୀନାଥ ରଣା ଓ ବହୁ କ୍ରିକେଟପ୍ରେମୀ ଉପସ୍ଥିତ ଥିଲେ।



